# ମଣି ତିରୁମାଲା ରେସିଡେନ୍ସିଆଲ ପ୍ରକଳ୍ପର ବୁକିଂ ଶୁଭାରମ୍ଭ



ସାମ୍ବାଦିକ ସମ୍ମିଳନୀରେ (ବାମରୁ) ଆଶିଷ ଗର୍ଗ, ସଞ୍ଜୟ ଝୁନ୍‌ଝୁନ୍‌ୱାଲା ଏବଂ ମାର୍କ ମାର୍ଶଲ ଉପସ୍ଥିତ ।

ଭୁବନେଶ୍ୱର,୮।୪(ବ୍ୟୁରୋ)-ପୂର୍ବ ଭାରତର ଅନ୍ୟତମ ଅଗ୍ରଣୀ ରିଅଲ ଇଷ୍ଟେଟ୍ କମ୍ପାନୀ ମଣି ତିରୁମାଲା ରିଅଲ ଇଷ୍ଟେଟ୍ ଭୁବନେଶ୍ୱର ନନ୍ଦନକାନନ ରାସ୍ତାରେ ବହୁ ତଳ ବିଶିଷ୍ଟ ପ୍ରକଳ୍ପ ମଣି ତିରୁମାଲା ରେସିଡେନ୍ସିଆଲ ପ୍ରକଳ୍ପ ଆରମ୍ଭ କରିଛି । ୧.୨ ନିୟୁତ ବର୍ଗଫୁଟ ପରିମିତ ଅଞ୍ଚଳରେ ଗଢି ଉଠିଥିବା ଏହି ପ୍ରକଳ୍ପରେ ୧୪ ତାଲା ବିଶିଷ୍ଟ ୧୧ଟି ଟାୱାର ରହିଛି । ଏହି ୧୧ଟି ଯାକ ଟାୱାର ବା ବ୍ଲକଗୁଡିକର ନାମ ଆନାଘା, ଭୂଦେବ, ଚନ୍ଦ୍ରପାଳ, ଜଗଦୀଶ, କୈଳାସ, ଲିଙ୍ଗରାଜ, ନୀଳକଣ୍ଠ, ଓଁକାର, ସଦାଶିବ ଓ ତ୍ରିପୁରାରି ରହିଛି । ପ୍ରତ୍ୟେକ ବ୍ଲକରେ ୫ପ୍ରକାର ଫ୍ଲାଟ୍ ରହିଛି । ପ୍ରତ୍ୟେକ ଫ୍ଲାଟର ମୂଲ୍ୟ ୪୦ରୁ ୭୦ ଲକ୍ଷ ମଧ୍ୟରେ ରହିଛି । ୪୪୦ କୋଟି ଟଙ୍କାର ଏହି ପ୍ରକଳ୍ପକୁ କମ୍ପାନୀ ୩୦ ମାସ ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଥିବା ବୁକିଂ ଶୁଭାରମ୍ଭ ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ମଣି ଗ୍ରୁପ ସିଇଓ ସଞ୍ଜୟ ଝୁନ୍‌ଝୁନ୍‌ୱାଲା କହିଛନ୍ତି । ଏହାର ନିର୍ମାଣରେ ନିଆଁ, ଭୂମିକମ୍ପ ନିରୋଧ ସହ ଅନ୍ୟାନ୍ୟ ଅତ୍ୟାଧୁନିକ ସୁରକ୍ଷା ଟେକ୍ନୋଲୋଜିର ଉପଯୋଗ କରାଯାଇଛି । ଏହି ପ୍ରକଳ୍ପ ଚାରିପଟେ ଖୋଲା ସ୍ଥାନ, ଜଳ ବିଶୋଧନ ପ୍ଲାଣ୍ଟ, ପ୍ରଶସ୍ତ କାର ପାର୍କିଂ ବ୍ୟବସ୍ଥା ସହ ଖେଳ ଗୃହ,ଷ୍ଟିମ୍ ବାଥ୍ ବ୍ୟବସ୍ଥା ସହ ସ୍ପା, ଜିମ୍, ସୁଇମିଙ୍ଗ ପୁଲ୍ ଓ କଫି ଶପ୍ ଆଦି ରହିଛି । ଏହିଭଳି ରେସିଡେନ୍ସିଆଲ ପ୍ରକଳ୍ପ ନିର୍ମାଣ କରି ମଣି ଗ୍ରୁପ ଗ୍ରାହକଙ୍କୁ ଉତ୍ତମ ଶୈଳୀର ଜୀବନଯାପନ ସୁବିଧା ଯୋଗାଇଦେବାକୁ ଲକ୍ଷ୍ୟ ରଖିଥିବା କମ୍ପାନୀର ପ୍ରେସିଡେଣ୍ଟ ମାର୍କ ମାର୍ଶଲ କହିଛନ୍ତି । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପ୍ରକଳ୍ପର ଫଣ୍ଡିଂ ପାର୍ଟନର ଆଶିଷ ଗର୍ଗ ଉପସ୍ଥିତ ଥିଲେ ।